**ତହସିଲ କାର୍ଯ୍ୟାଳୟ ଲେଫ୍ରିପଡା**

**ସଂଖ୍ୟା.।୫୨୨ତାରିଖ. 7.7.18**

# ଲଘୁଖଣିଜ ସକାଶେ ଲିଜ ଇସ୍ତିହାର

ଏତଦ୍ଵାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ଵ ବିଭାଗ ଅଧିନସ୍ଥ ଲେଫ୍ରିପଡା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନ ଗୁଡିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ଲେଫ୍ରିପଡାଙ୍କ ଦ୍ଵାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ (Odisha Minor Mineral Concession Rules-2016 ର Form-M **ପୁରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି Sealed Cover** ରେ ଆବେଦନ କରିବେ ।

ନିମ୍ନଲିଖିତ ତାରିଖ ମତେ -

| Drop Box ରେ ପକାଯିବାର ପାଇଁ ଧାର୍ଯ୍ୟ ତାରିଖ | Tander Box ଖୋଲିବାର ଧାର୍ଯ୍ୟ ତାରିଖ |
|---|---|
| ୧୮.୦୭.୨୦୧୮ | ୧୯.୦୭.୨୦୧୮ |
| ୨୫.୦୭.୨୦୧୮ | ୨୬.୦୭.୨୦୧୮ |
| ୦୧.୦୮.୨୦୧୮ | ୦୨.୦୮.୨୦୧୮ |

୧. ଦରଖାସ୍ତ ଫିଜ ସକାଶେ ଟ. ୧୦୦୦/- ଟ୍ରେଜେରୀ ଚାଲାଣ ।

୨. କୌଣସି ମାଇନିଙ୍ଗ ବାବଦକୁ ବକେୟା ଦେୟ ନଥିବା ତଥା ସେ Mines & Minerals (Development & Registration) Act. 1957 ଅନ୍ତର୍ଗତ କୌଣସି ମୋକଦ୍ଦମା ରେ ଦୋଷୀ ସାବ୍ୟସ୍ତ ହୋଇ ନଥିବା ନେଇ ଏକ ସତ୍ୟପାଠ ।

୩. ଆବେଦନକାରୀଙ୍କ Solvency Certificate ଯାହାକି ଏକ ବର୍ଷ ପର୍ଯ୍ୟନ୍ତ ବୈଧ ଥିବ ।

୪. Earnest Money ପାଇଁ ଡିମାଣ୍ଡ ଡ୍ରାଫ୍ଟ ଯାହାର ମୁଲ୍ୟ ତାଙ୍କ ଦ୍ଵାରା ଦର୍ଶାଯାଇଥିବା ଅତିରିକ୍ତ ଚାର୍ଜ ଏବଂ Royalty (ଏକ ବର୍ଷ) ର ୫% ଠାରୁ କମ ହୋଇନଥିବ । 5% of Amount of additional charge & Royalty (1 Year) ।

## ସର୍ତ୍ତାବଳୀ

୧. ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ପରିସର ଭୁକ୍ତ ରହିବେ ।

୨. ଲିଜରେ ଭାଗ ନେବା ପୁର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଚିହ୍ନିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୩. ଲିଜ ପରେ ସୈରାତ ଚଲାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ଵା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫. ବାଲି ଓ ପଥର ପାଇଁ ସର୍ବନିମ୍ନ ରୟାଲଟି ମୁଲ୍ୟ (Per Cu.M) ଯଥାକ୍ରମେ ଟ.୩୫/- ଓ ଟ.୧୩୦/- ରହିବ ।

୬. ସରକାରୀ Additional Charge ଧାର୍ଯ୍ୟ ଦରଠାରୁ କମ ଦାମରେ ଦରଖାସ୍ତ କରିଥିବା କିମ୍ଵା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କର ଦରଖାସ୍ତ ଖାରଜ କରି ଦିଆଯିବ ।

୭. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ Additional Charge ର ମୁଲ୍ୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୮. ଲିଜଧାରୀ ସଂପୃକ୍ତ ଅଧିକାରୀଙ୍କ ଦ୍ଵାରା ଠିକ୍ ହୋଇଥିବା Security ରାଶି Bidding ପ୍ରକ୍ରିୟା ସମ୍ପୁର୍ଣ୍ଣ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ (DD) ଆକାରରେ ଜମା କରିବେ ।

୯. ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ (Mining Plan) ଓ ପରିବେଶ ମଞ୍ଜୁର (Environmental Clearance) ହାସଲ କରିବା ସହିତ ଲିଜ ଚୁକ୍ତିନାମା (Lease Deed) ସୂଚନା ଦିଆଯିବାର ୩ ମାସ ମଧ୍ୟରେ ସମ୍ପାଦନ କରିବେ, ଅନ୍ୟଥା ସୂଚନାଟିକୁ ରଦ୍ଦ କରାଯାଇ Security Deposit ବାଜ୍ୟାପ୍ତି କରାଯିବ ।

## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ରମ ସଂଖ୍ୟା | ସୈରାତ ଉତ୍ସର ନାଁ | ସୈରାତ ଉତ୍ସର ବିବରଣୀ | | | | | ମୋଟ ଏରିଆ | ପ୍ରତିବର୍ଷ ଉଠାଣ ହେବାକୁ ଥିବା Minimun guaranteed quanity (in Cu.M/Year) | ସର୍ବନିମ୍ନ (Additional charge per Cu.M | Solvency certificate / Bank guarantee ର ପରିମାଣ |
|---|---|---|---|---|---|---|---|---|---|---|
| | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ଏରିଆ | | | | |
| ୧ | ଲେଫ୍ରିପଡା ବାଲିଘାଟ | ଲେଫ୍ରିପଡା | ୨୪୫ | ୧୬୮୬/୨୧୪୫, ୧୬୮୨ | ନଦୀ | ୨୦.୬୬ | ୨୦.୬୬ | ୧୦୦୦ | ୧୦.୦୦ | ଯାହାର ମୂଲ୍ୟତାଙ୍କ ଦ୍ୱାରା କରାଯାଇଥିବା ଏବଂ charge ରୟାଲଟି ୧ ବର୍ଷରୁ କମ ହୋଇ ନଥିବ । |
| ୨ | ମହିକାନି ପଥର ଖଣି | ମହିକାନି | ୪୬ | ୪୮/୬୧୯/p | ପଥର ଖଣି | ୫.୦୦ | ୫.୦୦ | ୧୦୦୦ | ୧୦.୦୦ | |

ତହସିଲଦାର, ଲେଫ୍ରିପଡା

***E-mail / Post / Speed Post / Spl. Messenger***

**OFFICE OF THE TAHASILDAR, LEPHRIPARA : DIST- SUNDARGARH**

(Revenue & Disaster Management Deptt., Govt. of Odisha)

E-mail ID- tah.lephri-od@nic.in

Gmail ID- tahasillephripara@gmail.com

Letter No. 1841 /Dt:- 7.7.18 /

To

The District Informatics Officer
NIC, Sundargarh.

Sub:- Hoisting of advertisement for auction of sairat source.

Sir,

In inviting a kind reference to the subject cited above, I am to send herewith the advertisement for auction of sairat sources for the year 2018-19 available under this Tahasil for taking further necessary action towards hoisting into the district website for wide publication.

This is for favour of your kind information and necessary action.

Yours faithfully

Tahasildar, Lephripara

୧୦. Mining Plan ଓ Enviromental Clearance ମଞ୍ଜୁରୀ ହେବାପରେ ଲିଜଧାରୀ, ରୟାଲଟି (Royalty) ବା Dead Rent, Surface Rent, Additional Charge, Contribution to the District Mineral Fund (DMF) ଓ Contribution to Enviroment Management Fund ରାଶି ପୈଠ କରିବେ । ସମ୍ପୁର୍ଣ୍ଣ ରାଶି ପୈଠ ହେଲାପରେ ଲିଜଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ।

୧୧. ଜମା Royalty ଓ Additional Charge ର ୨% ଲିଜଧାରୀ ଆୟକର (T.C.S.) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

୧୨. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାବରେ ଏକ ଫଳକ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୁଚନା ଉଲ୍ଲେଖ କରିବେ ଏବଂ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୩. ଉପରୋକ୍ତ ସମସ୍ତ ସର୍ତାବଳୀ ପୁରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

୧୪. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଇସ୍ତିହାରର ସମ୍ପୁର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ http//:www.sundergarh.nic.in ରେ ମଧ୍ୟ ଦେଖିପାରିବେ ।

୧୫. ଯଦି ଉକ୍ତ ଇସ୍ତିହାରରେ କୌଣସି ତୃଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

(Signature) 7.7.18
ତହସିଲଦାର, ଲେଫ୍ରିପଡା

ଜ୍ଞାପକ ସଂଖ୍ୟା. 1840 ତା. 7.7.18

ଏହାର ଏକକିତା ନକଲ ସର୍ବସଧାରଣଙ୍କ ବିଶେଷ ପ୍ରସାରଣ ଓ ଅବଗତି ନିମନ୍ତେ ଉନ୍ନୟନ ଅଧିକାରୀ, ଲେଫ୍ରିପଡା ସମସ୍ତ ସରପଞ୍ଚଙ୍କ କାର୍ଯ୍ୟାଳୟ, ଲେଫ୍ରିପଡା ପଞ୍ଚାୟତ ସମିତି ଙ୍କ ଅବଗତି ଓ ନୋଟିସ ବୋର୍ଡରେ ପ୍ରଦର୍ଶନ ନିମନ୍ତେ ପ୍ରେରଣା କରାଗଲା

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକ ଲେଫ୍ରିପଡା / ଛଟେନପାଲି ଙ୍କ ଅବଗତି ଓ ନୋଟିସ ବୋର୍ଡରେ ପ୍ରଦର୍ଶନ ନିମନ୍ତେ ପ୍ରେରଣା କରାଗଲା ।

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ସଦର ସୁନ୍ଦରଗଡ / ଜିଲ୍ଲାପାଳ, ସୁନ୍ଦରଗଡଙ୍କ ଅବଗତି ନିମନ୍ତେ ପଠାଇ ଦିଆଗଲା

(Signature)
ତହସିଲଦାର, ଲେଫ୍ରିପଡା